# SAMBALPURI NEWS BULLETIN

## Akashvani, Sambalpur

### 13 February 2026 – 6.47- 6.52 am.

---

ପ୍ରଧାନ୍‌ମନ୍ତ୍ରୀ- ସେବାତୀର୍ଥ ପି.ଆଇ.ବି.

ପ୍ରଶାସନିକ ବିଧି ବ୍ୟବସ୍ଥାକେ ଜନକୈନ୍ଦ୍ରିକ୍ କର୍‌ବାର୍ ଲକ୍ଷ୍ୟଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ନୂଆଦିଲ୍ଲୀ ନ ସେବା ତୀର୍ଥ ଆଉ କର୍ତବ୍ୟ ଭବନ୍ ୧ ଆଉ ୨ ର ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଗୁଟେ ଜନସଭାକେ ଉଦ୍‌ବୋଧନ୍ ଦେବେ । ସେବାତୀର୍ଥ କୁଠା ନ ପ୍ରଧାନ୍‌ମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ଜାତୀୟ ସୁରକ୍ଷା ପରିଷଦ୍‌ର ସଚିବାଳୟ, କେବିନେଟ୍ ସଚିବାଳୟର କାର୍ଯ୍ୟାଳୟ ରହେବା । ସେନ୍ତା କର୍ତବ୍ୟ ପଥ ୧ ଆଉ ୨ ପରିସର୍ ନ ଅର୍ଥ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ବାଗିର୍ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ରହେବା ।

ମୁଖ୍ୟମନ୍ତ୍ରୀ - ଶ୍ରୀଜଗନ୍ନାଥ୍ ଦର୍ଶନ୍          ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ନବରଙ୍ଗ୍‌ପୁର୍ ଜିଲ୍ଲା ନ ଶ୍ରୀଜଗନ୍ନାଥ୍ ଦର୍ଶନ୍ ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବେ । ସମ୍ବଲ୍‌ପୁର୍, ବ୍ରହ୍ମପୁର୍, ଭଦ୍ରକ ଆର୍ ବାରିପଦା ନ ଯୋଜ୍‌ନାଥି ତୀର୍ଥଯାତ୍ରୀମାନେ ପୁରୀ ଯାତ୍ରା କର୍‌ବେ । ଇ କାର୍ଯ୍ୟକ୍ରମ୍‌କେ ଭିଲ୍ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଏ ଶୁଭାରମ୍ଭ କର୍‌ବେ । ଯୋଜ୍‌ନାଥି ପହେଲା ଖେପେ ୫ ଶହ ଝନ୍ ଶ୍ରଦ୍ଧାଳୁ ସର୍‌କାର୍‌ଙ୍କର୍ ସାହାଜ୍‌ଥି ପୁରୀ ନ ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବାର୍ ସୁଯୋଗ୍ ପାଏବେ । ଇ ଖେପ୍‌ଥି ୫ ଟା ଜିଲ୍ଲାର୍ ୬୦ ନୁ ୭୫ ବୟସର୍ ବୟସ୍କ ବ୍ୟକ୍ତି ଆଉ ବିଧବା ମହିଳାମାନେ ପୁରୀ ଦର୍ଶନ୍ କର୍‌ବାର୍ ସୁଯୋଗ୍ ପାଇଛନ୍ । ସର୍‌କାର୍‌ଙ୍କର୍ ତର୍‌ଫୁ ସେମାନ୍‌କର୍ ଯିବାର୍ ଆସ୍‌ବାର୍ ସହେତେ ରହେବାର୍, ଖାଏବାର୍ ବ୍ୟବସ୍ଥା କରାଯାଇଛେ ।

ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଲ୍          ଏନ୍‌ଏସ୍‌ଡି

ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ୍ ବିଲ୍ -୨୦୨୬ ଗଲାକାଏଲ୍ ସଂସଦ୍ ନ ପାରିତ୍ ହେଇଯାଇଛେ । ଶିଳ୍ପ ସମ୍ପର୍କ ସଂହିତା-୨୦୨୦ଥି କିଛି ସଂଶୋଧନ୍ କରାଯାଇକରି ଇ ନୂଆଁ ବିଲ୍ ତିଆର୍ କରାଯାଇଛେ । କେନ୍ଦ୍ର ଶ୍ରମ ମନ୍ତ୍ରୀ ଡକ୍ଟର୍ ମନସୁଖ୍ ମାଣ୍ଡଭିୟ ଗଲାକାଏଲ୍ ଦୁହି ଗୃହ ନ ଆଗତ୍ କରିଥିଲେ । ଆଲୋଚନା ଉତ୍ରୁ ବିଲ୍ ପାରିତ୍ ହେଇଥିଲା ।

ବିଶ୍ୱ ରେଡ଼ିଓ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଯୋଗାଯୋଗ୍ କ୍ଷେତ୍ରଥି ରେଡ଼ିଓର୍ ବଳିଷ୍ଠ ଅବଦାନ୍‌କେ ସୁର୍‌ତା କରିକରି ଆଏଜ୍ ପାଳନ୍ କରାଯାଉଛେ ବିଶ୍ୱ ରେଡ଼ିଓ ଦିବସ୍ । ସବୁନୁ ବଡ଼ ଗଣମାଧମ୍ ହିସାବେ ଆଏଜ୍ ଭିଲ୍ ସାରା ପୁର୍‌ଥି ନ ରେଡ଼ିଓର ଲୋକପ୍ରିୟତା ରହିଛେ ।  ମିଳିତ୍ ଜାତିସଂଘର ୟୁନେସ୍କୋ ସଂସ୍ଥା ତର୍‌ଫୁ ୨୦୧୨ ମସିହା ନୁ ଫି ବଛର୍ ଫେବୃଆରୀ ୧୩ ତାରିଖ୍‌କେ ବିଶ୍ୱ ରେଡ଼ିଓ ଦିବସ୍ ଭାବେ ପାଳନ୍ କରାଯାଉଛେ । ରେଡ଼ିଓ ସୂଚନା ଶିକ୍ଷା  ଆଉ ମନୋରଞ୍ଜନ୍‌ର ମୁଖ୍ୟ ମାଧମ୍ ଭାବେ

ନୂଆଁ ରୂପ୍‌ଥି ଲୋକପ୍ରିୟତା ପାଉଛେ । ଇ ବଛର୍ ରେଡ଼ିଓ ଦିବସ୍‌ର ବାର୍ତା ହେଉଛେ 'ରେଡ଼ିଓ ଆର୍ କୃତ୍ରିମ ବୁଦ୍ଧିମତା: ଏଆଇ ଗୁଟେ ଉପକରଣ୍, ସ୍ୱର୍ ନୁହେଁସେ' ।

ପଙ୍କଉଦ୍ଧାର ଏକାଦଶୀ          ପୁରୀ ସମ୍ବାଦଦାତା

ଫଗୁନ୍ ମାସ ଅନ୍ଧାର୍ ପଖର୍ ଏକାଦଶୀ ତିଥି ଅବ୍‌ସରେ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ପଙ୍କଉଦ୍ଧାର ଏକାଦଶୀ ପାଲନ୍ କରାଯାଉଛେ । ଇ ଅବ୍‌ସରେ ମାହାପୁରୁ ଶ୍ରୀ ଜଗନ୍ନାଥଙ୍କର ଭଣ୍ଡାର ରକ୍ଷକ ପ୍ରଭୁ ଶ୍ରୀ ଲୋକନାଥ ଦେବଙ୍କର୍ ପ୍ରତ୍ୟକ୍ଷ ଶିବଲିଙ୍ଗର ଦର୍ଶନ୍‌ର ସୌଭାଗ୍ୟ ମିଲ୍‌ସି । ବଛର୍‌ଯାକ ଲୋକନାଥ୍‌ଙ୍କୁ ଅର୍ପଣ୍ କରାଯାଇଥିବା ଫୁଲ୍, ବେଲ୍‌ପତର୍, ସୁନା, ରୂପା, ସବୁ ଆଏଜ୍ ବିଧି ଅନ୍‌ସାରେ କଢ଼ାଯାଏସି । ଆଏଜ୍ ଭୋର୍‌ନୁ ନୀତି ମୁଲ୍ ହେଇଯାଇଛେ । ପଙ୍କଉଦ୍ଧାର ନୀତି ଉତ୍‌ରୁ ମାହାପୁରୁଙ୍କର୍ ମହାସ୍ନାନ କରାଯାଇକରି ସର୍ବସାଧାରଣ ଦର୍ଶନ୍ ବ୍ୟବସ୍ଥା କରାଯାଏସି ।